ଭୁବନେଶ୍ୱର ସମେତ ରାଜ୍ୟର ବହୁ ଅଂଚଳରେ ବର୍ଷା ପାଣି ନିଷ୍କାସନ ନହୋଇ ଜଳମଗ୍ନ ହେବା ପ୍ରସଙ୍ଗରେ

# ଇସ୍କନ ମନ୍ଦିର ଆଗରେ ପାଣି ଜମିଲେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କୁ ଚିଠି ଲେଖୁଥିବା ମୁଖ୍ୟମନ୍ତ୍ରୀ, କେଦାରଗୌରୀରେ ପାଣି ପଶିଲେ କାହକୁ ଚିଠି ଲେଖିବେ ? : ବିଜେପି

- **ଦୀର୍ଘ ୧୯ ବର୍ଷ ଶାସନ ମଧ୍ୟରେ ଏହା ବିଚିତ୍ର ଜନତା ଦଳର ବିକୃତ ଶାସନ**
- **ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଘର ପଛପଟେ ଥିବା ପ୍ରାକୃତିକ ନାଳରେ ବର୍ଜ୍ୟଜଳ ପାଣି ଆସିବାରୁ ଯାତାୟତ ବନ୍ଦ ହୋଇଛି**
- **ସାଧାରଣ ପ୍ରଶାସନ, ବିଡିଏ, ବିଏମସି, ଓ ବିଜେଡି ଦଳର କିଛି ନେତାଙ୍କ ମଧୁଚନ୍ଦ୍ରିକା ପାଇଁ ସ୍ମାର୍ଟ ସିଟି ରାଜଧାନୀର ହାଲ ବେହାଲ**
- **ରାଜଧାନୀର ବିଭିନ୍ନ ସ୍ଥାନରେ ବସ୍ତି ବାସିନ୍ଦା ମାନଙ୍କ ପାଖରେ ପହଂଚି ସେମାନଙ୍କ ଅବସ୍ଥା ବୁଲି ଦେଖିବା ସହ ରନ୍ଧାଖାଦ୍ୟ ଯୋଗାଇଲେ ରାଜ୍ୟ ବିଜେପି ନେତୃବୃନ୍ଦ**

**ଭୁବନେଶ୍ୱର, ତା୨୧/୭ :** ଆଜି ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବହୁ ଅଂଚଳ ବର୍ଷା ପାଣି ନିଷ୍କାସନ ହୋଇ ନପାରି ଜଳମଗ୍ନ ହେବା ସହ କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଲଗାଣ ବର୍ଷାରେ ରାଜଧାନୀବାସୀ ଅତିଷ୍ଠ ହୋଇ ପଡିଲେଣି । ଘର ଭିତରେ ୫ ଫୁଟରୁ ୭ ଫୁଟ ପର୍ଯ୍ୟନ୍ତ ପାଣି ପଶି କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି । ରାସ୍ତାଘାଟ ଠୁ ଆରମ୍ଭ କରି ଅଫିସ,ସ୍କୁଲ,ଦୋକାନ,ବଜାର ସବୁ ସ୍ଥାନରେ ପାଣି ଉବୁଟୁବୁ ହେଉଛି । ପ୍ରତି ବର୍ଷ ବର୍ଷା ଦିନ ସମୟରେ ଏଭଳି ଘଟଣା ନଜରକୁ ଆସୁଥିଲେ ମଧ୍ୟ ରାଜ୍ୟସରକାର ଏନେଇ କୌଣସି ପଦକ୍ଷେପ ନନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଦୀର୍ଘ ୧୯ ବର୍ଷ ଶାସନ ମଧ୍ୟରେ ଏହା ବିଚିତ୍ର ଜନତା ଦଳର ବିକୃତ ଶାସନ ବୋଲି ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀ ଗୋଲକ ପ୍ରସାଦ ମହାପାତ୍ର କହିଛନ୍ତି ।

ପୁରୁଣା ଭୁବନେଶ୍ୱରର ଲିଙ୍ଗରାଜ, କେଦାରଗୌରୀ, ଶିଶୁପାଳଗଡ, ନୟାପଲ୍ଲୀ, ଝାରପଡା, ରସୁଲଗଡଠୁ ଆରମ୍ଭ କରି ନୂତନ ଭୁବନେଶ୍ୱରର ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଜୟଦେବ ବିହାର ପର୍ଯ୍ୟନ୍ତ ସମସ୍ତ ଅଂଚଳ ଆଜି କୃତ୍ରିମ ବନ୍ୟାରେ ପ୍ରଭାବିତ ହୋଇଛି । ବର୍ଷା ପାଣି ନିଷ୍କାସିତ ହୋଇନପାରି ନାହିଁ ନଥିବା ଜନସମସ୍ୟା ସୃଷ୍ଟି ହୋଇଛି । ସହରର ବିଭିନ୍ନ ଅଂଚଳରେ ଘର ଭିତରେ ପାଣି ପଶି ଯାଇଥିବାବେଳେ ଆଉ କେଉଁଠି ବର୍ଷା ପାଣି ପ୍ରବାହରେ ବଡ ବଡ ଯାନବାହନଗୁଡିକ ବୋହି ଯାଇ ନାଳ ଏବଂ ଡ୍ରେନ ମଧ୍ୟରେ ପଡିଯାଇଛି । ଏପରିକି ମୃତ ପଶୁଗୁଡିକ ବର୍ଷା ପାଣିରେ ବୋହି ଆସି ପୁତିମୟ ଗନ୍ଧ ଏବଂ ବାତାବରଣ ସୃଷ୍ଟି ହୋଇଛି । ଘରେ, ଆପାର୍ଟମେଂଟରେ ଫସି ରହିଥିବା ଆବାଳ ବୃଦ୍ଧବନିତା, ଛୋଟ ଛୋଟ ପିଲାମାନେ ନାହିଁ ନଥିବା ହଇରାଣର ଶିକାର ହୋଇଛନ୍ତି । ରାସ୍ତାଘାଟଠୁ ଆରମ୍ଭ କରି ନାଳ ନର୍ଦ୍ଦମା ଭାଙ୍ଗିଯାଇଛି । ତଥାପି ବିଏମସି, ବିଡିଏ ପ୍ରଶାସନ ସମେତ ରାଜ୍ୟ ସରକାର ନିଶ୍ଚିନ୍ତରେ ବସି ରହିବା କାରଣରୁ ଜନ ସାଧାରଣରେ ବହୁ କ୍ଷୋଭ ପ୍ରକାଶ ପାଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ପୁରୁଣା ଭୁବନେଶ୍ୱରରେ ଥିବା କେଦାରଗୌରୀ ମନ୍ଦିର ଏକ ଐତିହାସିକ ପୀଠ । ଖୋଦ୍ ସଂସ୍କୃତି ବିଭାଗ ମନ୍ତ୍ରୀ ତଥା ଏକାମ୍ର ବିଧାୟକଙ୍କ ଅଂଚଳରେ ଠାକୁର ଜଳାର୍ଣ୍ଣବ ଭିତରେ ରହି ଭୋଗ ଖାଇବାରୁ ବଂଚିତ ହୋଇଛନ୍ତି । ଅତି ଚତୁରତାର ସହ ସଂସ୍କୃତି ମନ୍ତ୍ରୀ ନିଜ ମୁଣ୍ଡରୁ ଦୋଷ ଖସାଇ ପ୍ରଶାସନିକ ଅଧିକାରୀଙ୍କ ଉପରେ ଦୋଷ ଲଦିବା ଅତ୍ୟନ୍ତ ହାସ୍ୟାସ୍ପଦ ଘଟଣା । ଇସ୍କନ ମନ୍ଦିର ଆଗରେ ପାଣି ଜମିଲେ ଯଦି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କୁ ଚିଠି ତେବେ କେଦାରଗୌରୀରେ ମନ୍ଦିରରେ ପାଣି ପଶିଲେ ମୁଖ୍ୟମନ୍ତ୍ରୀ କାହକୁ ଚିଠି ଲେଖିବେ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ ଉଠାଇଛନ୍ତି ।

ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଘର ପଛପଟେ ଥିବା ପ୍ରାକୃତିକ ନାଳରେ ବର୍ଜ୍ୟଜଳ ପାଣି ଆସିବାରୁ ଯାତାୟତ ବନ୍ଦ ହୋଇଛି । ବସ୍ତି ବାସିନ୍ଦାମାନଙ୍କୁ କୋଠାଘର ଯୋଗାଇ ଦେବା କଥା କହି ରାଜନୀତି କରୁଥିବା ବେଳେ ଆଜି ଭିଏସଏସ ନଗରରେ ଥିବା ପଥରବନ୍ଧ ବସ୍ତିର

ଲୋକମାନଙ୍କୁ ଘର ଚାବି ମଧ୍ୟ ଦିଆଯାଇନଥିଲା । ଶାସକ ବିଜେଡିର ଦଳୀୟ ଅନ୍ତକନ୍ଦଳ ଯୋଗୁଁ ହିତାଧିକାରୀମାନେ ବାସଗୃହ ପାଇବାରୁ ବଂଚିତ ହୋଇଛନ୍ତି । ଆଜି ବିଜେପି ନେତୃବୃନ୍ଦଙ୍କ ବିଭିନ୍ନ ବସ୍ତି ଅଂଚଳ ପରିଦର୍ଶନ ସମୟରେ ଚାପର ବଶବର୍ତୀ ହୋଇ ବିଏମସି ମେୟର ଓ କର୍ପୋରେଟରମାନେ ପହଂଚି ଯାଇ ବସ୍ତିବାସିନ୍ଦାଙ୍କୁ ଘରର ଚାବି ଦେଇଥିଲେ । ବର୍ଷା ପବନରେ ଲୋକମାନଙ୍କର ଘର ଭାଙ୍ଗିବା ପରେ ବସ୍ତିବାସିନ୍ଦାଙ୍କ ପାଇଁ ଉଦ୍ଦିଷ୍ଟ ଘରକୁ ହିତାଧିକାରୀ ଯିବା ସମୟରେ କର୍ପୋରେଟର ଦାଦାଗିରି କରି ମାଡପିଟ କରିଥିଲେ । ଏନେଇ ଭୁବନେଶ୍ୱର ଜିଲ୍ଲା ସଭାପତି ହରେକୃଷ୍ଣ ଖୁଂଟିଆ ଥାନାରେ ଏକ ଏତଲା ଦାୟର କରିଛନ୍ତି । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଏବଂ ଅମୀୟ ଦାଶ ସହରର ବିଭିନ୍ନ ବସ୍ତି ଅଂଚଳକୁ ଯାଇ ପାଣି ଘେରରେ ଥିବା ବସ୍ତିବାସିନ୍ଦାଙ୍କୁ ଭେଟି ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ସଂପର୍କରେ ଅବଗତ ହୋଇଥଲେ । ସେହିପରି ରାଜଧାନୀର ସମସ୍ତ ସ୍ଥାନରେ ରାଜ୍ୟ ବିଜେପି ନେତୃବୃନ୍ଦ ସମସ୍ତ ବସ୍ତି ବାସିନ୍ଦା ମାନଙ୍କ ପାଖରେ ପହଂଚି ସେମାନଙ୍କ ଅବସ୍ଥା ବୁଲି ଦେଖିବା ସହ ରନ୍ଧାଖାଦ୍ୟ ଯୋଗାଇଥିବାର ଶ୍ରୀ ମହାପାତ୍ର ସୁଚନା ଦେଇଛନ୍ତି ।

ଆଜି ସେ ନିଜେ ରାଜଧାନୀର ବିଭିନ୍ନ ଅଂଚଳ ଗସ୍ତ କରି ବର୍ଷା ଜଳବନ୍ଦୀ ଘେରରେ ଥିବା ସହରବାସୀଙ୍କ ସମସ୍ୟା ସଂପର୍କରେ ଅବଗତ ହୋଇଥିଲେ । ଆପାର୍ଟମେଂଟ କାରଣରୁ ନନ୍ଦନ ବିହାର ଏବଂ ଜାଇକାର ନିମ୍ନ ମାନର କାର୍ଯ୍ୟ ଯୋଗୁଁ ୬ ନମ୍ବର ୱାର୍ଡ ଅନ୍ତର୍ଗତ କୋଅପରେଟିଭ କଲୋନୀରେ ବର୍ଷା ପାଣି ପ୍ରଭାହିତ ହୋଇନପାରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାର ଶ୍ରୀ ମହାପାତ୍ର କହିଛନ୍ତି ।

ବିଏମସି ଏବଂ ନଗର ଉନ୍ନୟନ ବିଭାଗ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପ୍ରକଳ୍ପ କରୁଥିବାରୁ ଡିଣ୍ଡିମ ପିଟିଚାଲିଛି । ଅନ୍ୟପଟେ ରାଜଧାନୀବାସୀ ନାହିଁ ନଥିବା ହଇରାଣ ହରକତ ହୋଇ ଚାଲିଛନ୍ତି । ଅସରାଏ ବର୍ଷାରେ ଜନଜୀବନ ପୂରା ଠପ୍ ହୋଇଯାଉଛି । ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ନୟାପଲ୍ଲୀ , ଡମଣା, ପାତ୍ରପଡା, ଚନ୍ଦ୍ରଶେଖପପୁର, ପୁରୁଣା ଭୁବନେଶ୍ୱର ଅଂଚଳବାସୀ ଜଳବନ୍ଦୀ କାରଣରୁ ଭୋକ ଉପାସରେ ରହିଛନ୍ତି । ଏପରିକି ସେମାନଙ୍କୁ ଜଳବନ୍ଦୀରୁ ଉଦ୍ଧାର କରିବା ପାଇଁ ମଧ୍ୟ ସରକାରଙ୍କ କୌଣସି ସଠିକ୍ ବ୍ୟବସ୍ଥା ନାହିଁ । ପାଣିପାଗ ବିଭାଗ ପ୍ରବଳ ବର୍ଷାର ପୂର୍ବନୁମାନ କରିଥିବା ପରେ ବି ରାଜ୍ୟସରକାର କୌଣସି ପ୍ରକାରର ଆଗୁଆ ସର୍ତକତା ଅବଲମ୍ବନ ନକରିବା ନିଜର ଅପାରଗତାର ପ୍ରମାଣ ଦେଇଛନ୍ତି ବିଭିନ୍ନ ସ୍ଥାନ ପରିଦର୍ଶନ କରି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି ।

ରାଜଧାନୀ ଭୂବନେଶ୍ୱରର ପ୍ରାକୃତିକ ଭୌଗାଳିକ ସ୍ଥିତିକୁ ସମୀକ୍ଷା କଲେ, ଭୂବନେଶ୍ୱର ଚାରି ପଟେ ପାଖାପାଖି ୧୦ଟି ପ୍ରାକୃତିକ କେନାଲ ବୋହିଯାଉଛି । ବର୍ଷା ଦିନରେ ପ୍ରବାହିତ ସମସ୍ତ ପାଣି ଏହି କେନାଲ ମାଧମରେ ନିଷ୍କାସନ ହୋଇଥାଏ । ମାତ୍ର ଅବୈଧ ନିର୍ମାଣ କାରଣରୁ ଆଜି ଏହି ବର୍ଷା ପାଣି ନିଷ୍କାସନ ହୋଇନପାରି ସହର ମଧ୍ୟରେ କୃତ୍ରିମ ବନ୍ୟା ସ୍ଥିତି ଉତ୍ପନ କରୁଛି । ଗଙ୍ଗୁଆ ସମେତ ସମସ୍ତ କେନାଲ ଏବଂ ଏହାର ଆର୍ଶ୍ୱପାର୍ଶ୍ୱରେ ଅବୈଧ ନିର୍ମାଣ କାରଣରୁ ପ୍ରାୟ ପୋତି ହେବାକୁ ବସିଲାଣି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ରାଜ୍ୟସରକାର ସମୀକ୍ଷା ବୈଠକ କରି କେବଳ ଲୋକମାନଙ୍କୁ ବିଭ୍ରାନ୍ତି କରିବା ଭଳି କାର୍ଯ୍ୟ କରୁଛନ୍ତି । ବିଡିଏ , ବିଏମସି, ଓ ବିଜେଡି ଦଳର କିଛି ନେତାଙ୍କ ମଧୁଚନ୍ଦ୍ରିକା ପାଇଁ ସ୍ମାର୍ଟ ସିଟି ରାଜଧାନୀର ହାଲ ବେହାଲ ହୋଇଛି । ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ଡାକି ସଚିବାଳୟରେ ସମୀକ୍ଷା କରୁଛନ୍ତି । କିନ୍ତୁ ଅନ୍ୟପଟେ ଏଭଳି ମନୁଷ୍ୟକୃତ ପରିସ୍ଥିତି ପାଇଁ ଏକାମ୍ର ବିଧାୟକ ତଥା ବରିଷ୍ଠ ମନ୍ତ୍ରୀ ଶ୍ରୀ ଅଶୋକ ପଣ୍ଡା କିଛି ପଦାଧିକାରୀମାନଙ୍କୁ ଦାୟୀ କରିଛନ୍ତି । କିଛି ପ୍ରଭାବଶାଳୀ ବ୍ୟକ୍ତି ଡ୍ରେନ ଉପରେ ପାଚେରୀ କରିଥିବାରୁ କୃତ୍ରିମ ବନ୍ୟା ହେଉଛି ବୋଲି ଖୋଦ୍ ବିଧାୟକ ତଥା ସଂସ୍କୃତି ମନ୍ତ୍ରୀ ମାନିଛନ୍ତି । ଏହି ବୟାନରୁ ସ୍ୱଷ୍ଟ ଜଣାପଡୁଛି ଯେ, ସ୍ଥାନୀୟ କର୍ପୋରେଟର ଏବଂ ବିଏମସି ଅଧିକାରୀମାନେ ଏହି କୃତ୍ରିମ ବନ୍ୟା ପାଇଁ ସଂପୂର୍ଣ୍ଣଭାବେ ଦାୟୀ । ସ୍ମାର୍ଟ ସିଟିକୁ ନେଇ ସବୁ ସମୟରେ ନିଜେ କ୍ରେଡିଟ ନେଉଥିବା ମୁଖ୍ୟମନ୍ତ୍ରୀ ଆଜି ଚୁପ୍ କାହିଁକି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ ଉଠାଇଛନ୍ତି ।

ରାଜ୍ୟରେ ୩ ରୁ ୪ ଦିନ ଧରି ଲଘୁଚାପ ଜନିତ ବର୍ଷା ହେବ ବୋଲି ବହୁ ପୂର୍ବରୁ ରାଜ୍ୟ ସରକାର ଜନସାଧାରଣଙ୍କୁ ସୁଚନା ପ୍ରଦାନ କରିଥିଲେ । ଗତ ସପ୍ତାହରେ ହୋଇଥିବା ବର୍ଷା ଏବଂ ବର୍ଷା ପାଣି ନିଷ୍କାସନ ହୋଇନପାରି ସୃଷ୍ଟି ହୋଇଥିବା ସମସ୍ୟାରୁ କୌଣସି ଶିକ୍ଷା ରାଜ୍ୟ ସରକାର ଏବଂ ପ୍ରଶାସନ ପ୍ରାପ୍ତ କରିନଥିବା ସ୍ୱଷ୍ଟ ହୋଇଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**



odisha.bjp.org BJP4Odisha YouTube Odisha BJPlive